2nd Sem

II-UG-C_1-Maj-ODI-IV

2025

Full Marks - 100

Time - 3 hours

The figures in the right-hand margin indicate marks

Answer *all* questions

Part-I

୧. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ପ୍ରଦାନ କର : ୧ × ୧୦

କ) ଚମ୍ପୂ କାହାକୁ କହନ୍ତି ?

ଖ) 'କେଶବ କୋଇଲି'ର ସ୍ରଷ୍ଟା କିଏ ?

ଗ) 'ଯମକରାଜ ଚଉତିଶା' କାହାର ରଚନାବିଶେଷ ଅଟେ ?

ଘ) 'ପ୍ରସ୍ତାବ ଚିନ୍ତାମଣି' କାହାର ରଚନା ?

ଙ) ଲାବଣ୍ୟବତୀର ପ୍ରଥମ ଛାନ୍ଦରେ କେତେ ଜଣ 'ରାମ'ଙ୍କୁ ସ୍ତୁତି କରାଯାଇଛି ?

ଚ) ଲାବଣ୍ୟବତୀର ଛାନ୍ଦ ସଂଖ୍ୟା କେତେ ?

ଛ) ପ୍ରେମ ସୁଧାନିଧିର ଛାନ୍ଦ ସଂଖ୍ୟା କେତେ ?

ଜ) ପ୍ରେମ ଚିନ୍ତାମଣି କିଏ ଲେଖିଛନ୍ତି ?

ଝ) 'ସର୍ପ ଜଣାଣ'ରେ ମୁଖ୍ୟତଃ କି ଅଳଂକାର ପ୍ରୟୋଗ ହୋଇଛି ?

ଞ) 'ରସ ମାନସ ରାଧିକେଶ' କାହାର ରଚନା ବିଶେଷ ଅଟେ ?

Part-II

୨. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୨ × ୯

କ) ମଧ୍ୟକାଳୀନ ଓଡ଼ିଆ ଗଦ୍ୟଗ୍ରନ୍ଥମାନଙ୍କ ନାମ ଲେଖ ।

ଖ) ଚଉପଦୀ କାହାକୁ କହନ୍ତି ?

ଗ) କୋଇଲି କି ପ୍ରକାରର ରଚନା ?

ଘ) ଭଜନ ଓ ଜଣାଣ ମଧ୍ୟରେ ପ୍ରଭେଦ ଦର୍ଶାଅ ।

ଙ) ଆଶୀର୍ନମସ୍ତିୟା କହିଲେ କ'ଣ ବୁଝ ?

ଚ) ବସ୍ତୁନିର୍ଦ୍ଦେଶ କହିଲେ କ'ଣ ବୁଝ ? ଏହା କେଉଁଠାରେ ଦେଖାଯାଏ ?

ଛ) ଓଡ଼ିଆ ସାହିତ୍ୟର କେଉଁ ଯୁଗକୁ ଅଳଂକାର ଯୁଗ କୁହାଯାଏ ଓ କାହିଁକି ?

ଜ) ସାଲବେଗଙ୍କ ଚାରୋଟି ଭଜନର ନାମ ଲେଖ ।

ଝ) ବନମାଳୀ ଦାସଙ୍କ ଚାରୋଟି ଜଣାଣର ନାମ ଲେଖ ।

Part-III

୩. ନିମ୍ନୋକ୍ତ ଯେ କୌଣସି ଆଠଟିର ଉତ୍ତର ପ୍ରତ୍ୟେକ ୨୫୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୫ × ୮

କ) ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ଧର୍ମୀୟ ପୃଷ୍ଠଭୂମି ଲେଖ ।

ଖ) ରୀତି ଯୁଗରେ କାବ୍ୟ ନାୟିକାପ୍ରଧାନ –ପ୍ରମାଣ କର ।

ଗ) ରୀତିକାବ୍ୟ ଶୃଙ୍ଗାରପ୍ରଧାନ –ବିଚାର କର ।

ଘ) ସାଧୁସ୍ତୁତି ଓ ଖଳନିନ୍ଦା ରୀତି କାବ୍ୟର ଅବିଚ୍ଛେଦ୍ୟ ଅଂଗ –ଏ ଉକ୍ତିର ଔଚିତ୍ୟ ବିଚାର କର ।

ଙ) 'କିଶୋର-ଚନ୍ଦ୍ରନନ୍ଦ ଚମ୍ପୂ'ର ଚମ୍ପୂତ୍ୱ ପ୍ରତିପାଦନ କର ।

ଚ) ଚଉତିଶାର ସ୍ୱରୂପ ବିଚାର କର ।

ଛ) 'ଚତୁର ବିନୋଦ'ର ବ୍ୟାକରଣଗତ ଦୋଷ ନିରୂପଣ କର ।

ଜ) ମଧ୍ୟଯୁଗୀୟ କାବ୍ୟର ବିଷୟ ବିନ୍ୟାସ ବୈଚିତ୍ର୍ୟ ବିଚାର କର ।

ଝ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରୁ ମାଳଯମକ ଓ ସର୍ବଯମକର ଦୃଷ୍ଟାନ୍ତଟିଏ ଦେଇ ବୁଝାଇ ଦିଅ ।

ଞ) ରସକଲ୍ଲୋଳରେ ଥିବା ବିବିଧ ଅନୁପ୍ରାସ ଅଳଂକାରର ପ୍ରୟୋଗ ସଂପର୍କରେ ଆଲୋଚନା କର ।

Part-IV

୪. ନିମ୍ନୋକ୍ତ ଯେ କୌଣସି ଚାରୋଟିର ଉତ୍ତର ପ୍ରତ୍ୟେକ ୮୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮ × ୪

କ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ରାଜନୀତିକ ପୃଷ୍ଠଭୂମି ବିଚାର କର ।

ଖ) ମଧ୍ୟଯୁଗୀୟ କାବ୍ୟର ଆଂଗିକ ବୈଶିଷ୍ଟ୍ୟ ଆଲୋଚନା କର ।

ଗ) ରୀତିକାବ୍ୟର ଭାବାଦର୍ଶ ନିରୂପଣ କର ।

ଘ) ଚମ୍ପୂ, ଚତୁପଦୀ ଓ ଚଉତିଶା ମଧ୍ୟରେ ସଂପର୍କ ସ୍ଥାପନ ପୂର୍ବକ ଓଡ଼ିଆ ସାହିତ୍ୟର ମଧ୍ୟକାଳରେ ଏସବୁର ସ୍ୱରୂପ ଦର୍ଶାଅ ।

ଙ) ମଧ୍ୟଯୁଗୀୟ ଓଡ଼ିଆ ଗଦ୍ୟର ସ୍ୱରୂପ ବିଚାର କର ।